# NATIONAL NEWS BULLETIN (ODIA)
## 14 October - 2025
## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ୭୧ ଜଣିଆ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କଲା ବିଜେପି ।
- ଇଭିଏମ୍ ତଥା ଭିଭିପାଟ୍ ମେସିନ୍ ଗୁଡ଼ିକର ପ୍ରଥମ ପର୍ଯ୍ୟାୟ ସଠିକତା ପରୀକ୍ଷଣ ପ୍ରକ୍ରିୟା ଶେଷ ।
- ରେଳ ଯୋଗେ ତିନୋଟି ନୂତନ ମାଲ ପରିବହନ ଏବଂ ପାର୍ସଲ୍ ସେବା ବ୍ୟବସ୍ଥା ଉଦ୍‌ଘାଟିତ ।
- ଭାରତ-ଆମେରିକା ମଧ୍ୟରେ ଆସନ୍ତାକାଲିଠାରୁ ପୁନଃ ଆରମ୍ଭ ହେବ ଆନ୍ତର୍ଜାତିକ ଡାକସେବା ।

ଏବଂ

- ଆଇସିସି ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୫୯ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଶ୍ରୀଲଙ୍କା ।

# ବିଜେପି-ବିହାର ଫାଷ୍ଟ ଲିଷ୍ଟ

ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ବିଜେପି ପକ୍ଷରୁ ୭୧ ଜଣିଆ ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ତାରାପୁରରୁ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା ଲଖିସରାଇ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ସ୍ୱାସ୍ଥ୍ୟ ମନ୍ତ୍ରୀ ମଙ୍ଗଳ ପାଣ୍ଡେଙ୍କୁ ସିୱାନ୍ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରାଯାଇଛି । ରାଷ୍ଟ୍ର ମନ୍ତ୍ରୀ ନୀତିନ ନବୀନ ବାଙ୍କିପୁରରୁ  ଏବଂ ରେଣୁ ଦେବୀ ବେଟିହାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ତ୍ରିବିକ୍ରମ ସିଂହ ଔରଙ୍ଗାବାଦ୍ ଆସନରୁ ଭାଗ୍ୟ ପରୀକ୍ଷା କରୁଥିବା ବେଳେ ଶ୍ରେୟସି ସିଂହ ଜାମ୍ମୁଆଇ ବିଧାନସଭା ଆସନରୁ ପ୍ରତିଦ୍ୱିନ୍ଦ୍ୱିତା କରିବେ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାମକ୍ରିପାଲ ଯାଦବ ଦାନପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ଦ୍ୱାରା ଏହି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇଛି ।

ଅନ୍ୟ ପକ୍ଷରେ ହିନ୍ଦୁସ୍ଥାନୀ ଆୱାମ୍ ମୋର୍ଚ୍ଚା (ଧର୍ମନିରପେକ୍ଷ) ଏହି ନିର୍ବାଚନ ପାଇଁ ୬ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ସି.ପି.ଆଇ.(ଏମ୍.ଏଲ୍.)ଏଲ୍. ଆଗାମୀ ବିଧାନସଭା ନିର୍ବାଚନ ୧୮ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି ।

# ବିହାର-ନୋମିନେସନ୍

ବିହାରର ସୁପଲ ବିଧାନସଭା ଆସନର ପ୍ରାର୍ଥୀ ଭାବେ ବରିଷ୍ଠ ଜେ.ଡି.ୟୁ. ନେତା ତଥା ମନ୍ତ୍ରୀ ବୀଜେନ୍ଦ୍ର ପ୍ରସାଦ ଯାଦବ ଆଜି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି ପାଟନା ଠାରେ ମୋକାମ ବିଧାନସଭା ଆସନ ପାଇଁ ପୂର୍ବତନ ବିଧାୟକ ଅନନ୍ତ ସିଂହ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଭୋଜପୁର ଜିଲ୍ଲାର ଆରହ ବିଧାନସଭା ଆସନରେ ସି.ପି.ଆଇ.ଏମ୍.ଏଲ୍.ର କ୍ୱାମୁଦ୍ଦିନ୍ ଅନ୍ସାରୀ ପ୍ରାର୍ଥୀପତ୍ର ଦାଖଲ କରିଥିବା ସୂଚନା ମିଳିଛି ।

# ଇସି-ଇଭିଏମ୍-ଭିଭିପାଟ୍

ନିର୍ବାଚନ ଆୟୋଗ କହିଛନ୍ତି, ପ୍ରଥମ ପର୍ଯ୍ୟାୟ ଇ.ଭି.ଏମ୍.-ଭିଭିପାଟ୍ ମେସିନ୍ ଗୁଡ଼ିକର ସଠିକତା ପରୀକ୍ଷଣ ପ୍ରକ୍ରିୟା ଶେଷ ହୋଇଛି । ବିହାରର ୨୦ଟି ଜିଲ୍ଲାର ୧୨୨ଟି ନିର୍ବାଚନ ମଣ୍ଡଳୀରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଏକ ବିବୃତ୍ତିରେ ଆୟୋଗ କହିଛନ୍ତି, ଏହି ଇ.ଭି.ଏମ୍. ମେସିନ୍ ଗୁଡ଼ିକ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜାତୀୟ ଓ

ରାଜ୍ୟରେ ଥିବା ଚିହ୍ନିତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ପରୀକ୍ଷଣ କରାଯାଇଥିଲା ।

ଏହି ଇ.ଭି.ଏମ୍. ଏବଂ ଭି.ଭି.ପାଟ୍ ମେସିନ୍ ଗୁଡ଼ିକ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧି ମଣ୍ଡଳୀମାନଙ୍କ ଉପସ୍ଥିତିରେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରେ ଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ଗଚ୍ଛିତ କରାଯିବ । ଏହାର ତାଲିକା ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନଙ୍କୁ ମଧ୍ୟ ସୂଚନା ଦିଆଯିବ । ରାଜ୍ୟରେ ଥିବା ୧୨୧ଟି ବିଧାନସଭା ଆସନ ପାଇଁ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଉପଯୋଗୀ ହେବାକୁ ଥିବା ଏହି ଇ.ଭି.ଏମ୍.-ଭିଭିପାଟ୍ ଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଶେଷ କରାଯାଇଛି ।

## ପିଏମ୍-ଗୁଗୁଲ୍ ଏଆଇ

ଆନ୍ଧ୍ରପ୍ରଦେଶ ବିଶାଖାପଟନମ୍ ଗୁଗୁଲ୍ ଏ.ଆଇ. ହବ୍ ଲୋକାର୍ପଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁସିବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ସୂଚନା ଦେଇ କହିଛନ୍ତି, ବିଶ୍ୱ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଦେଶ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା । ଡିଜିଟାଲ୍ ଅର୍ଥନୀତି ସାଧାରଣ ନାଗରୀକଙ୍କ ଜୀବନକୁ ସହଜ ଓ ସରଳ

କରିବାରେ ସହାୟକ ହୋଇଛି ବୋଲି ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି । ଗୁଗୁଲ୍ ସି.ଇ.ଓ. ସୁନ୍ଦର ପିଚାଇଙ୍କ ପୋଷ୍ଟର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତି ବିଦ୍ୟାକୁ ଉପଯୋଗ କରି ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ କରାଯାଇ ଜିଗାୱାଟ୍ ସ୍କେଲ୍ ଡେଟା କେନ୍ଦ୍ର ଭିତ୍ତିଭୂମି ସ୍ଥାପନ କରାଯାଇ ବିକଶିତ ଭାରତ ଗଠନ ସହଜ ହେବ ।

## ବୈଷ୍ଣବ ରେଲ୍ ସର୍ଭିସେସ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭର୍ଚୁଆଲ୍ ମାଧ୍ୟମରେ ଆଜି ତିନୋଟି ନୂତନ ମାଲ ପରିବହନ ଏବଂ ପାର୍ସଲ୍ ସେବା ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି । ଦିଲ୍ଲୀରୁ କୋଲକାତା ଏବଂ ମୁମ୍ବାଇରୁ କୋଲକାତା ରେଳ ଯୋଗେ ମାଲ ପରିବହନ ତଥା ପାର୍ସଲ୍ ସେବା ଘରେ ପହଞ୍ଚାଇବା ପାଇଁ ରେଳ ପାର୍ସଲ୍ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥା ଆରମ୍ଭ ହେବା ଦ୍ୱାରା ଘରେ ବସି ସାଧାରଣ ଲୋକମାନେ ଖୁବ୍ ସହଜରେ ଏବଂ ଶୀଘ୍ର ନିଜର ସାମଗ୍ରୀ ଗୁଡ଼ିକ ପାଇପାରିବେ । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଆମ ଦେଶରେ ହାତ ପାହାନ୍ତାରେ ସାମଗ୍ରୀଗୁଡ଼ିକ ଉପଲବ୍ଧ ହେବାର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ରେଳ

ବିଭାଗ ଏହି ଅଭିନବ ପଦକ୍ଷେପ ଗ୍ରହଣ କରିଛି । ଏହାଦ୍ୱାରା ସ୍ୱଳ୍ପ ଖର୍ଚ୍ଚରେ ଉପଭୋକ୍ତାମାନେ ନିଜର ସାମଗ୍ରୀଗୁଡ଼ିକ ଘରେ ବସି ପାଇପାରିବେ ।

## ଇଣ୍ଡିଆ-ୟୁଏସ୍-ପୋଷ୍ଟାଲ୍ ସର୍ଭିସ୍

ଭାରତ-ଆମେରିକା ମଧ୍ୟରେ ଆନ୍ତର୍ଜାତିକ ଡାକସେବା ଆସନ୍ତାକାଲିଠାରୁ ପୁନଃ ଆରମ୍ଭ ହେବ । ଯୋଗାଯୋଗ ମନ୍ତ୍ରଣାଳୟ ସୂଚନା ଅନୁସାରେ ଆମେରିକାର କଷ୍ଟମସ୍ ଏବଂ ବର୍ଡର ପ୍ରୋଟେକସନ୍ ବିଭାଗ ସହ ସମନ୍ୱୟ ରକ୍ଷା କରି ଭାରତୀୟ ଡାକ ବିଭାଗ ସେବା ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛି । ତ୍ୱରିତ ସେବା ପ୍ରଦାନ ତଥା ଏ କ୍ଷେତ୍ରରେ ରହିଥିବା ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ଏହି ବ୍ୟବସ୍ଥା ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି । ଭାରତରୁ ଯାଉଥିବା ଡାକ ସାମଗ୍ରୀଗୁଡ଼ିକ ଯୁକ୍ତରାଷ୍ଟ୍ର ଆମେରିକାରେ ବଣ୍ଟନ କରାଯିବା ବେଳେ କୌଣସି ଅତିରିକ୍ତ ଶୁଳ୍କ ଲାଗୁ ହେବ ନାହିଁ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।

ସୂଚନା ଯୋଗ୍ୟ ଅମେରିକା ପ୍ରଶାସନର ଏକ ନିର୍ଦ୍ଦେଶ ଆଧାରରେ ଭାରତରୁ ଆମେରିକାକୁ ଡାକସେବାକୁ ସାମୟିକ ଭାବେ ବନ୍ଦ ରଖାଯାଇଥିଲା ।

# ମେଘୱାଲ୍-ଲିମ୍ପସ୍

ଆଇନ୍ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ  ଅର୍ଜୁରାମ ମେଘୱାଲ ନୂଆଦିଲ୍ଲୀ ଠାରେ ଆଜି ଆଇନ୍‌ଗତ ସୂଚନା ପରିଚାଳନା ଏବଂ ସିଧାସଳଖ ତଥ୍ୟ ପ୍ରଦାନ ବ୍ୟବସ୍ଥାର ସମ୍ପର୍କିତ ଡ୍ୟାସ୍‌ବୋର୍ଡ୍ – ଲିମ୍ପସ୍‌ର ଉଦ୍‌ଘାଟନ କରିଛନ୍ତି । ସୁପ୍ରିମ୍‌କୋର୍ଟ ଏବଂ ହାଇକୋର୍ଟ୍ ଗୁଡ଼ିକରେ କେନ୍ଦ୍ର ସରକାରଙ୍କ ମାମଲା ପରିଚାଳନାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦକ୍ଷତା ବୃଦ୍ଧି କରିବା ଏହି ଡ୍ୟାସ୍‌ବୋର୍ଡ୍ ପ୍ରଚଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ମେଘୱାଲ୍ କହିଛନ୍ତି । ଗଣମାଧ୍ୟମ ସହ ଆଲୋଚନା କାଳରେ ସେ କହିଛନ୍ତି, ଏହି ଡ୍ୟାସ୍‌ବୋର୍ଡ୍ ମାଧ୍ୟମରେ ସରକାର ସୂଚନା ପ୍ରଦାନ ବ୍ୟବସ୍ଥାକୁ ବିକଶିତ କରିଛନ୍ତି । ସୁପ୍ରିମ୍‌କୋର୍ଟ୍, ହାଇକୋର୍ଟ୍ ଏବଂ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ସହିତ ଜଡ଼ିତ ମାମଲା ଗୁଡ଼ିକର ଆଗାମୀ ଶୁଣାଣି ସମ୍ପର୍କିତ ସମସ୍ତ ବିବରଣୀ ଏହି ଡ୍ୟାସ୍‌ବୋର୍ଡ୍ ମାଧ୍ୟମରେ ସାତ ଦିନ ପୂର୍ବରୁ ଉପଲବ୍ଧ ହୋଇପାରିବ ।  ସରକାରୀ ଅଧିକାରୀ ଏବଂ ବିଭାଗୀୟ ମନ୍ତ୍ରୀ ମଧ୍ୟ ସେମାନଙ୍କ କାର୍ଯ୍ୟାଳୟରୁ ସିଧାସଳଖ ଏହି ଡ୍ୟାସ୍‌ବୋର୍ଡ୍ ମାଧ୍ୟମରେ ସୂଚନା ପାଇବା ସହ ମାମଲାର ସ୍ଥିତି ନେଇ ଅବଗତ ହୋଇପାରିବେ ବୋଲି ଶ୍ରୀ ମେଘୱାଲ୍ କହିଛନ୍ତି ।

**V/O-1-ARJUNRAM-MEGHWAL**

ଲିମ୍ସ୍ ପୋର୍ଟାଲ୍‌ରେ ୫୩ଟି ମନ୍ତ୍ରଣାଳୟ ଏବଂ ବିଭାଗର ପ୍ରାୟ ୭ ଲକ୍ଷ ମାମଲା ସଂକ୍ରାନ୍ତ ତଥ୍ୟ ଉପଲବ୍ଧ ରହିଛି । ଆଇନ୍‌ଗତ ମାମଲା ପରିଚାଳନା, ତଥ୍ୟ ଆଧାରିତ ସୂଚନା ଏବଂ ଉନ୍ନତ ପ୍ରଶାସନ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି ।

## ଡବ୍ଲ୍ୟୁବି-ଦୁର୍ଗାପୁର କେସ୍

ପଶ୍ଚିମବଙ୍ଗରେ ଘଟିଥିବା ମେଡିକାଲ୍ ଛାତ୍ରୀ ଦୁଷ୍କର୍ମ ଘଟଣାରେ ତଦନ୍ତ ପ୍ରକ୍ରିୟା ସ୍ୱରୂପ ଅଭିଯୁକ୍ତମାନଙ୍କର ସିନ୍ ରିକ୍ରିଏସନ୍ ପ୍ରକ୍ରିୟା କରାଯାଇଛି । ସମସ୍ତ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ପୁଲିସ୍ ଘଟଣା ସ୍ଥଳକୁ ନେଇ ଏହି ପଦକ୍ଷେପ ନେଇଛି । ଅଟକ ରଖାଯାଇଥିବା ପିଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ମଧ୍ୟ ପୁଲିସ୍ ଅପରାଧ ଘଟିଥିବା ଘଟଣା ସ୍ଥଳକୁ ନେଇ ସିନ୍ ରିକ୍ରିଏସନ୍ କରିଥିଲା । ଡେପୁଟି କମିଶନର ଅଭିଶେକ ଗୁପ୍ତାଙ୍କ ନେତୃତ୍ୱରେ ଏହି ତଦନ୍ତ ପ୍ରକ୍ରିୟା ଚାଲିଛି ।

# ଭିପି

କେନ୍ଦ୍ର ଶ୍ରମ, ନିଯୁକ୍ତି, ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆଜି ସଂସଦ ଭବନରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ଆଲୋଚନା ସମୟରେ ଶ୍ରୀ ମାଣ୍ଡବ୍ୟ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ନେଇଥିବା ବିଭିନ୍ନ ପଦକ୍ଷେପ ଏବଂ ସଂସ୍କାରିତ ସମ୍ପର୍କରେ ଉପରାଷ୍ଟ୍ରପତିଙ୍କୁ ଅବଗତ କରିଥିଲେ । ଉପରାଷ୍ଟ୍ରପତି ମନ୍ତ୍ରଣାଳୟ ପକ୍ଷରୁ ସୁରକ୍ଷା ଓ ନୂତନ ନିଯୁକ୍ତି କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶୁଣି ଖୁସିବ୍ୟକ୍ତ କରିଥିଲେ ।

ମନ୍ତ୍ରଣାଳୟ ଶ୍ରମିକମାନଙ୍କର କଲ୍ୟାଣ ପାଇଁ ଗ୍ରହଣ କରିଥିବା ବିଭିନ୍ନ ଜନହିତକର କାର୍ଯ୍ୟକୁ ଉପରାଷ୍ଟ୍ରପତି ପ୍ରଶଂସା କରିବା ସହ ଏହା ସାମାଜିକ ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ ବୋଲି କହିଥିଲେ । ଉପରାଷ୍ଟ୍ରପତିଙ୍କୁ ଯୁବକମାନଙ୍କ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଯେପରିକି ଜାତୀୟ ଯୁବନୀତି, ମେରା ଯୁବ ଭାରତ, ଜାତୀୟ ସେବା ଯୋଜନା, ଯୁବ ଛାତ୍ରାବାସ ଏବଂ ଜାତୀୟ ଯୁବ ପୁରସ୍କାର ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ଅବଗତ କରାଯାଇଥିଲା । ଦେଶର ଯୁବକମାନଙ୍କୁ ମାଇ ଭାରତ ପୋର୍ଟାଲ୍ ଡିଜିଟାଲ୍ ଏବଂ ବିଭିନ୍ନ କ୍ଷେତ୍ରରେ କରାଯାଉଥିବା ନିଯୁକ୍ତି ପ୍ରକ୍ରିୟାରେ ଏହା କିପରି ସହାୟକ ହେଉଛି ସେ ବିଷୟରେ ରାଷ୍ଟ୍ରପତିଙ୍କୁ ସୂଚନା ଦିଆଯାଇଥିଲା । ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କୁ ବିନିଯୋଗ କରିବାରେ ମାଇ ଭାରତ୍

ପୋର୍ଟାଲ୍‌ର ଅବଦାନ ସମ୍ପର୍କରେ ଜାଣି ଶ୍ରୀ ରାଧାକ୍ରିଷ୍ଣନ୍ ଖୁସିବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ, ଯୁବବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ଼ସେ ପ୍ରମୁଖ ଉପସ୍ଥିତ ଥିଲେ ।

# ଭିପି

କେନ୍ଦ୍ର ଶ୍ରମ, ନିଯୁକ୍ତି, ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆଜି ସଂସଦ ଭବନରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ଆଲୋଚନା ସମୟରେ ଶ୍ରୀ ମାଣ୍ଡବ୍ୟ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ନେଇଥିବା ବିଭିନ୍ନ ପଦକ୍ଷେପ ଏବଂ ସଂସ୍କାରିତ ସମ୍ପର୍କରେ ଉପରାଷ୍ଟ୍ରପତିଙ୍କୁ ଅବଗତ କରିଥିଲେ । ଉପରାଷ୍ଟ୍ରପତି ମନ୍ତ୍ରଣାଳୟ ପକ୍ଷରୁ ସୁରକ୍ଷା ଓ ନୂତନ ନିଯୁକ୍ତି କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶୁଣି ଖୁସିବ୍ୟକ୍ତ କରିଥିଲେ ।

ମନ୍ତ୍ରଣାଳୟ ଶ୍ରମିକମାନଙ୍କର କଲ୍ୟାଣ ପାଇଁ ଗ୍ରହଣ କରିଥିବା ବିଭିନ୍ନ ଜନହିତକର କାର୍ଯ୍ୟକୁ ଉପରାଷ୍ଟ୍ରପତି ପ୍ରଶଂସା କରିବା ସହ ଏହା ସାମାଜିକ ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ ବୋଲି କହିଥିଲେ । ଉପରାଷ୍ଟ୍ରପତିଙ୍କୁ ଯୁବକମାନଙ୍କ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଯେପରିକି ଜାତୀୟ ଯୁବନୀତି,

ମେରା ଯୁବ ଭାରତ, ଜାତୀୟ ସେବା ଯୋଜନା, ଯୁବ ଛାତ୍ରାବାସ ଏବଂ ଜାତୀୟ ଯୁବ ପୁରସ୍କାର ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ଅବଗତ କରାଯାଇଥିଲା । ଦେଶର ଯୁବକମାନଙ୍କୁ ମାଇ ଭାରତ ପୋର୍ଟାଲ୍ ଡିଜିଟାଲ୍ ଏବଂ ବିଭିନ୍ନ କ୍ଷେତ୍ରରେ କରାଯାଉଥିବା ନିଯୁକ୍ତି ପ୍ରକ୍ରିୟାରେ ଏହା କିପରି ସହାୟକ ହେଉଛି ସେ ବିଷୟରେ ରାଷ୍ଟ୍ରପତିଙ୍କୁ ସୂଚନା ଦିଆଯାଇଥିଲା । ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କୁ ବିନିଯୋଗ କରିବାରେ ମାଇ ଭାରତ୍ ପୋର୍ଟାଲ୍ର ଅବଦାନ ସମ୍ପର୍କରେ ଜାଣି ଶ୍ରୀ ରାଧାକ୍ରିଷ୍ଣନ୍ ଖୁସିବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ, ଯୁବବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ଼ସେ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇସିସି ୱିମ୍ୟାନ୍ସ ୱାର୍ଲ୍ଡକପ୍

ଆଇ.ସି.ସି. ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାର ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଏବଂ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ଜାରି ରହିଛି । କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ନ୍ୟୁଜିଲାଣ୍ଡ ସମ୍ମୁଖରେ

୨୫୯ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ୍ ବିନିମୟରେ ଶ୍ରୀଲଙ୍କା ୨୫୮ରନ୍ ସଂଗ୍ରହ କରିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ବର୍ଷା ଯୋଗୁଁ ନ୍ୟୁଜିଲାଣ୍ଡର ବ୍ୟାଟିଂ ଆରମ୍ଭ ହୋଇନଥିଲା । ବିଶାଖାପାଟଣାଠାରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବାଂଲାଦେଶକୁ ୩ ୱିକେଟ୍‌ରେ ପରାସ୍ତ କରିଛି ।